# ବୁଦ୍ଧି ଯାର ବଳ ତାର

ବଣର ରାଜା ହେଉଛି ସିଂହ । ତାକୁ ପଶୁରାଜ ବୋଲି କୁହାଯାଏ । ସେ ଭାରି ବଳୁଆ । ପଶୁମାନଙ୍କୁ ମାରି ଖାଏ । ତେଣୁ ପଶୁମାନେ ସବୁବେଳେ ଭୟରେ ଥାଆନ୍ତି । ନିର୍ଭୟରେ କେହି ବଣରେ ବୁଲି ପାରନ୍ତି ନାହିଁ ।

ବଣରେ ପଶୁମାନଙ୍କ ଭିତରେ ଭାଳେଣି ପଡ଼ିଗଲା । କ'ଣ କରିବେ ? ସିଂହ ମୁହଁରୁ କିପରି ରକ୍ଷା ପାଇବେ ? ସେଥିପାଇଁ ପଶୁମାନେ ମିଳିମିଶି ସଭାକଲେ ।

ସଭାରେ ନିଷ୍ପତ୍ତି ହେଲା – ପାଳିକରି ସିଂହକୁ ଖାଦ୍ୟ ଯୋଗାଇବା ।

ପଶୁମାନେ ମିଳିତହୋଇ ନିଷ୍ପତ୍ତି ଅନୁସାରେ ସିଂହକୁ କହିଲେ – "ଆମ୍ଭେମାନେ ପାଳିକରି ପ୍ରତିଦିନ ଆପଣଙ୍କୁ ଖାଦ୍ୟ ଯୋଗାଇବୁ । ଆପଣ ନିଶ୍ଚିନ୍ତ ରହନ୍ତୁ । ଆମ ସମସ୍ତଙ୍କୁ ମାରନ୍ତୁ ନାହିଁ ।" ଏହି ଚୁକ୍ତି ଅନୁସାରେ ସିଂହ ଆଉ ପଶୁ ମାରିଲା ନାହିଁ ।



ପଶୁମାନେ ପାଳିକରି ଦିନେ ଦିନେ ତା' ପାଖକୁ ଖାଦ୍ୟ ପଠାଇଲେ । ସିଂହ ଖାଇ ପିଇ ସୁଖରେ ରହିଲା ।

ଚୁକ୍ତି ଅନୁସାରେ ଗୋଟିଏ ଠେକୁଆର ପାଳି ପଡ଼ିଲା । ସେ ଭୟରେ ଥରୁଥାଏ । କିପରି ଜୀବନ ରକ୍ଷା ହେବ ଭାବୁଥାଏ । ସେ ତା' ପାଳି ଦିନ ଡେରିକରି ସିଂହ ପାଖରେ ପହଞ୍ଚିଲା । ସିଂହର ସେତେବେଳକୁ ଭୋକରେ ହଂସା ଉଡ଼ିଲାଣି । ସେ ରାଗରେ ଜଳୁଥାଏ। ଯାହାକୁ ପାଇଲେ ଗୋଟାପଣେ ଗିଳିଦେବ ବୋଲି ଭାବୁଥାଏ । ସିଂହ ଠେକୁଆକୁ ଦେଖି କହିଲା – "ବଦ୍‌ମାସ ଡେରିକଲୁ କାହିଁକି ?" ଠେକୁଆଟି ଥରି ଥରି ଯାଇ ସିଂହ ସାମ୍ନାରେ ଠିଆ ହୋଇ ହାତ ଯୋଡ଼ି କହିଲା – "ମହାଭାଗ ! ମୋର ଡେରି ହେଲା ବୋଲି ରାଗିବେ ନାହିଁ । ମୁଁ କେତେବେଳୁ ଆସନ୍ତିଣି । ବାଟରେ ଆସୁ ଆସୁ ମୋତେ ଆଉ ଗୋଟିଏ ସିଂହ ଅଟକାଇ ଦେଇ କହିଲା – "ତୁ କୁଆଡ଼େ ଯାଉଛୁ ? ଆ ମୁଁ ତୋତେ ଖାଇବି ।"

ଠେକୁଆ କହିଲା – "ମୁଁ ଯାଉଛି ବଣର ରାଜା ସିଂହ ପାଖକୁ ସେ ଆଜି ମୋତେ ଖାଇବେ ।"

ଅନ୍ୟସିଂହ କହିଲା – "ମୁଁ ବଣର ରାଜା, ମୋ ଛଡ଼ା ଏଇ ବଣରେ ଆଉ ରାଜା କିଏ ? ମୋତେ ତାକୁ ଦେଖାଇ ଦେ ମୁଁ ତାକୁ ଜୀବନରେ ମାରିଦେବି ।"

ଥରି ଥରି ଠେକୁଆ କହିଲା "ଆଜ୍ଞା ଏଇକଥା ମୁଁ ଆପଣଙ୍କୁ ଜଣାଇବାକୁ ଆସିଛି । ସିଏ ଆଜି ମୋତେ ଅଟକାଇଲା । କାଲି ଅନ୍ୟମାନଙ୍କୁ ମାରି ଖାଇବ । ତାକୁ ନ ମାରିଲେ ସେ ବଣସାରା ସଭିଙ୍କୁ ଖାଇଦେବ, କ'ଣ କହୁଛନ୍ତି ?"

ସିଂହ ରାଗି ଯାଇ କହିଲା – "ଠେକୁଆ ତୁ ସତ କହୁଛୁ ?"

ଠେକୁଆ କହିଲା – "ରାଣ ପକାଉଛି ଆଜ୍ଞା, ଆଖି ଛୁଇଁ କହୁଛି ।"

HW Read properly